# ଆଇସିଏଆଇରେ କମ୍ପାନୀ ଆଇନ ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର, ୨୩।୨ (ବ୍ୟୁରୋ: ଦ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ)ରେ କମ୍ପାନୀ ଆଇନ-୨୦୧୩ ଅନୁସାରେ ଲିଖିତ ହିସାବର ଶେଷକରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସେଣ୍ଟ ଜାଭିୟର୍ସ ସ୍ୱୟଂଶାସିତ କଲେଜର ପ୍ରଫେସର ସିଏମଏ ଡ.ମହମ୍ମଦ ହନିଫ୍ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସେ ନୂଆ ଲାଗୁ ହୋଇଥିବା କମ୍ପାନୀ ଆଇନର ଲିଖିତ ହିସାବର ଶେଷକରଣ ଉପରେ ଆଲୋକପାତ କରିଥିଲେ । ଏଥିରେ ଭୁବନେଶ୍ୱର ଚାପ୍ଟରର ସମ୍ପାଦକ ସିଏମଏ ଜଗତ୍‌ଜ୍ୟୋତି ବିଶ୍ୱରଞ୍ଜନ ନାୟକ, ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ବିଭୂତି ଭୂଷଣ ନାୟକଙ୍କ ସମେତ ଦୁଇ ଶହରୁ ଅଧିକ ସିଏମଏ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।